# ମୁସଲମାନ

https://or.wikipedia.org/s/1ot

ଉଇକିପିଡ଼ିଆ ରୁ

ହଜରତ୍ ମହମ୍ମଦଙ୍କ ପ୍ରବର୍ତ୍ତିତ ଇସ୍‌ଲାମ ଧର୍ମାବଲମ୍ବୀ ବ୍ୟକ୍ତି ମୁସଲମାନ ଭାବେ ପରିଚିତ। ଏକେଶ୍ବରବାଦ ଇସ୍‌ଲାମ ଧର୍ମର ପ୍ରଥମ ଓ ମୁଖ୍ୟ ଧର୍ମନୀତି। ଇସଲାମ ଧର୍ମ ବିଶ୍ବାସ ଅନୁଯାୟୀ ଆଲ୍ଲା ହିଁ ଜଗତରେ ଏକମାତ୍ର ପ୍ରଭୁ ଓ ମହମ୍ମଦ ତାଙ୍କର ଜଣେ ପଏଗମ୍ବର (ପୃଥିବୀକୁ ପ୍ରେରିତ ଦୂତ) ଅଟନ୍ତି । କୋରାନରେ ମହମ୍ମଦ ଈଶ୍ବରାଦେଶମାନ ଲିପିବଦ୍ଧ କରିଅଛନ୍ତି।

ମୁସଲମାନ ଶବ୍ଦର ଅର୍ଥ 'ଭକ୍ତିପୂର୍ଣ୍ଣ, ଭକ୍ତ'। ଏମାନଙ୍କର ଧର୍ମଶାସ୍ତ୍ର 'କୋରାନ୍'। ଏହି ଧର୍ମର ପ୍ରଧାନ ମତ ଏହିକି 'ଈଶ୍ବର' ବା 'ଆଲ୍ଲା'ଙ୍କ ଛଡ଼ା କେହି ଏ ଜଗତର ପ୍ରଭୁ ନୁହଁନ୍ତି ଓ ମହମ୍ମଦ ହେଉଛନ୍ତି ଈଶ୍ବରାନୁଗୃହିତ ପ୍ରଚାରକ। ଯେଉଁମାନେ ଏହି ଏକେଶ୍ବରବାଦକୁ ମାନନ୍ତି ନାହିଁ ସେମାନେ ହେଉଛନ୍ତି 'କାଫେର୍' ବା ବିଧର୍ମୀ ଓ କାଫେରମାନଙ୍କ ସହିତ 'ଯିହାଦ୍' ବା ଧର୍ମ ଯୁଦ୍ଧରେ ପ୍ରାଣତ୍ୟାଗ କଲେ ଅନନ୍ତସ୍ବର୍ଗଲାଭ ହୁଏ। ମୁସଲମାନମାନେ ୪ଟିରୁ ଅଧିକ ସ୍ତ୍ରୀ ବିବାହ କରିବେ ନାହିଁ ଓ ଶୁକର ମାଂସ ଭକ୍ଷଣ ତଥା ମଦ୍ୟପାନ ଏମାନଙ୍କ ପାଇଁ ନିଷିଦ୍ଧ। ମୁସଲମାନମାନେ ଜାତିଭେଦ ସ୍ବୀକାର କରନ୍ତି ନାହିଁ। [୧]

## ବିଷୟସୂଚୀ


- ୧ କୋରାନ
  - ୧.୧ କଲ୍‌ମା
  - ୧.୨ ନମାଜ
    - ୧.୨.୧ ନମାଜ ପଢ଼ିବା ସମୟ
    - ୧.୨.୨ ନମାଜ୍‌ର ୩ଟି ଅଂଶ ଯଥା
    - ୧.୨.୩ ନମାଜର ମର୍ମ
  - ୧.୩ ରୋଜା
  - ୧.୪ ଜକାତ
  - ୧.୫ ହଜ୍
- ୨ ଆଧାର
- ୩ ବାହାର ଆଧାର


## କୋରାନ

ଏହା ଆରବୀ ଭାଷାରେ ଲିଖିତ ମୁସଲ୍‌ମାନଙ୍କ ଧର୍ମଗ୍ରନ୍ଥ। ମୁସଲ୍‌ମାନ ମାନେ ବିଶ୍ବାସ କରନ୍ତି ଯେ, ଈଶ୍ବର ଏ ଗ୍ରନ୍ଥଲିଖିତ ବାକ୍ୟଗୁଡ଼ିକୁ ଦୂତ ଜେବ୍ରୀୟେଲଙ୍କ ଦ୍ବାରା ହଜ୍‌ରତ୍ ମହମ୍ମଦଙ୍କ ନିକଟ କହି ପଠାଇଥିଲେ। ଏହି ଗ୍ରନ୍ଥ ୩୦ଭାଗରେ ବିଭକ୍ତ, ପ୍ରତି ଭାଗକୁ ପାରା କୁହାଯାଏ । ପାରା ମାନଙ୍କରେ ଥିବା ଶ୍ଳୋକକୁ ସୁରା କୁହାଯାଏ। କୋରାନ ଗ୍ରନ୍ଥକୁ ମାନ୍ୟରେ ମୁସଲ୍‌ମାନ୍‌ମାନେ 'କୁରାନ୍ ସରିଫ' ବା 'କୁରାନ ମଜୀଦ୍' ବୋଲି ଡାକନ୍ତି ।

କୋରାନ ଅନୁଯାୟୀ ପ୍ରତ୍ୟେକ ମୁସଲ୍‌ମାନର ୫ଟି କର୍ତ୍ତବ୍ୟ ହେଲା:

1. କଲମା

2. ନମାଜ
3. ରୋଜା
4. ଜକାତ
5. ହଜ୍


Dongxiang Muslim students in China

## କଲ୍‌ମା

ଏକେଶ୍ବରବାଦ କଲ୍‌ମା ('ଲା ଇଲାହ୍ ଇଲ୍ଲିଲ୍ଲାହ୍ ମହମ୍ମଦ୍‌ଉର୍ ରସୂମିଲ୍ଲାହ୍' (ଅର୍ଥାତ ଇଶ୍ବର ଏକ ମହମ୍ମଦ ତାଙ୍କର ଦୂତ)) ପଢ଼ିବା।

## ନମାଜ

କୋରାନର ସୁରା (ମନ୍ତ୍ର) ପାଠ ପୂର୍ବକ ଆଲ୍ଲାଙ୍କୁ ଡାକି ସ୍ତୁତିପାଠ ଓ ନମସ୍କାର କରିବା। ପ୍ରତ୍ୟେକ ମୁସଲମାନ ପ୍ରତ୍ୟହ ୫ଥର ନମାଜ ପାଠ କରିବାର ବିଧି ଅଛି। ମୁହଁହାତ ଧୋଇ ଖଣ୍ଡିଏ ମୂସଲ୍ଲା (ସ୍ବତନ୍ତ୍ର ଆସନ)ରେ ଆଣ୍ଠୁମାଡ଼ି ବସି ଓ ଠିଆହୋଇ ଓ ମୁଣ୍ଡ ତଳକୁ ଲଗାଇ ମକ୍କା ଆଡ଼କୁ ମୁହଁ କରି ନମାଜ୍ ପଢ଼ିବାକୁ ହୁଏ। ଦୈନିକ ନମାଜ୍ ପଢ଼ିବା ଛଡ଼ା ସପ୍ତାହ ମଧ୍ୟରେ ପ୍ରତି ଶୁକ୍ରବାର ଦିନ ମସଜିଦରେ ମୁସଲମାନମାନେ ଏକତ୍ର ହୋଇ ଇଶ୍ବରୋପାସନା କରନ୍ତି, ଏହାକୁ ଯୁମା ନମାଜ କହନ୍ତି । ଏହି ବିଶେଷ ନମାଜ୍ ଇଦ୍ ଦିନ ୯ଟା ଠାରୁ ୧୧ଟା ପର୍ଯ୍ୟନ୍ତ କରାଯାଏ।

### ନମାଜ ପଢ଼ିବା ସମୟ

- ଫଜର୍: ସୂର୍ଯ୍ୟୋଦୟ ପୂର୍ବରୁ; ବଡ଼ିଭୋର ୪ଟା ବେଳେ
- ଜୋହର୍: ଦ୍ବିପ୍ରହର ପରେ; ଅପରାହ୍ଣ ୧ଟା ବେଳେ
- ଅସର୍: ଅପରାହ୍ଣ ୩ଟା ଠାରୁ ୪ଟା ମଧ୍ୟରେ
- ମଗ୍ରୀବ୍: ସୂର୍ଯ୍ୟାସ୍ତର ଠିକ୍ ପୂର୍ବରୁ ()
- ଏସା: ରାତି ୮ଟା ବେଳେ

### ନମାଜ୍‌ର ୩ଟି ଅଂଶ ଯଥା

- ଫର୍ଜ୍: ଯାହା ଇଶ୍ବରଙ୍କ ଉଦ୍ଦେଶ୍ୟରେ ବୋଲାଯାଏ
- ସୂନ୍ନତ୍: ଯାହା ହଜ୍‌ରତ୍ ମହମ୍ମଦ ପାଠ କରୁଥିଲେ
- ନଫୀଲ୍: ଯାହା ପ୍ରାର୍ଥନାକାରୀ ନିଜର ଧର୍ମସାଧନାର୍ଥ ପାଠକରେ

### ନମାଜର ମର୍ମ

ଇଶ୍ବର ଏକମାତ୍ର ପ୍ରଭୁ, ତାଙ୍କଛଡ଼ା ଅନ୍ୟକେହି ପ୍ରଭୁ ନାହାଁନ୍ତି । ମହମ୍ମଦ ଇଶ୍ବରଙ୍କ ପୈଗମ୍ବର (ପୃଥିବୀକୁ ପ୍ରେରିତ ଦୂତ), ତେଣୁ ତାଙ୍କୁ ସମସ୍ତେ ପ୍ରଶଂସା କରିବା ଉଚିତ।

## ରୋଜା

ପ୍ରତିବର୍ଷ ରମଜାନ୍ ମାସରେ ଇଦ ପର୍ବ ପୂର୍ବରୁ ୩୦ଦିନ ପାଇଁ ଦିନତମାମ ପାଳିତ ହେବା ଉପବାସ ବ୍ରତ। ଧର୍ମଶାସ୍ତ୍ର ଅନୁଯାୟୀ ଶିଶୁ, ଅତି ରୁଗ୍ଣ ଓ ଅତ୍ୟନ୍ତ ଅକ୍ଷମ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ସମସ୍ତେ ରୋଜା ପାଳିବାକୁ ଧର୍ମତଃଅ ବାଧ୍ୟ ଅଟନ୍ତି। ଏ ଉପବାସରେ ଦିନଯାକ ଜଳଗ୍ରହଣ କରନ୍ତି ନ ନାହିଁ। ରୋଜା ରଖିଥିବା ଲୋକେ ସୂର୍ଯ୍ୟାସ୍ତ ପରେ ଇଫତାର (ରୋଜାର ପାରଣା) କରନ୍ତି। ସନ୍ଧ୍ୟା ବୁଡ଼ିଲେ ନମାଜ ପଢ଼ିସାରି ଇଫତାର କରିବାକୁ ହୁଏ । ରୋଜା ଖୋଲିବା ବେଳେ ପ୍ରଥମେ ସରବତ୍ ପିଇବାକୁ ହୁଏ; ତତ୍‌ପରେ ଅନ୍ୟ ଖାଦ୍ୟ ଖିଆଯାଏ।

### ଜକାତ

ଧର୍ମାର୍ଥ ନିଜ ରୋଜଗାର ଅନୁସାରେ ଜକାତ (ଦାନ) ଦେବା। ବାର୍ଷିକ ଆୟରୁ ହଜାରକେ ୨୫ଟଙ୍କା ହିସାବରେ ଇଶ୍ବରୋପସନା ଓ ଦାନ ପାଇଁ ଉତ୍ସର୍ଗୀକୃତ ଧନ।

### ହଜ୍

ଆର୍ଥିକ ସମ୍ବଳ ଥିଲେ ମକ୍କା ମଦିନା ଯାଇ ହଜ୍ (ତୀର୍ଥ) କରିବା। ମୁସଲ୍‌ମାନୀ 'ଜିଲ୍‌ହଜ୍' ମାସର ଦଶମ ଦିନ ମୁସଲମାନ୍‌ମାନଙ୍କର 'ବକ୍ରୀଦ୍' ପର୍ବ ସେଦିନ ମକ୍କାକୁ ଯାଇ ହଜ୍ କରନ୍ତି ।

ମୁସଲମାନ୍‌ମାନେ ଦୁଇ ସମ୍ପ୍ରଦାୟରେ ବିଭକ୍ତ: ସିହା ଓ ସୁନି । ବର୍ତ୍ତମାନ ମୁସଲମାନ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଆହମ୍ମଦୀନାମକ ଏକ ନୂଆ ଶାଖା ପ୍ରବର୍ତ୍ତିତ ହୋଇଛି।

## ଆଧାର

1. ↑ "ମହମ୍ମଦ" (http://www.srujanika.org/dictionary.php?dictid=1&localopt=1&charno=40&spgno=411&epgno=446&spdfno=6192/ମହମ୍ମଦ). *ଶ୍ରୀ ଗୋପାଳ ପ୍ରହରାଜକୃତ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ*. http://www.srujanika.org/dictionary.php?dictid=1&localopt=1&charno=40&spgno=411&epgno=446&spdfno=6192/ମହମ୍ମଦ. Retrieved 2013-01-25.

## ବାହାର ଆଧାର

- Islamic directory for Muslims (http://www.islamicfinder.org) Find Muslim Owned businesses, Masjids (Mosques) and Islamic Centers all over the world.
- Muslim Population in Countries with different Alphabets (http://www.asoon.org/a-stats.htm)

"http://or.wikipedia.org/w/index.php?title=ମୁସଲମାନ&oldid=127260" ରୁ ଅଣାଯାଇଅଛି
ଶ୍ରେଣୀସମୂହ: ଇସଲାମ ଧର୍ମ | ମୁସଲିମ

---

- ଏହି ପୃଷ୍ଠାଟି ୧୩ ମଇ ୨୦୧୩ ତାରିଖ ୦୯:୪୪ ବେଳେ ବଦଳାଯାଇଥିଲା ।
- ଏହି ଲେଖା କ୍ରିଏଟିଭ କମନ୍ସ ଆଟ୍ରିବୁସନ/ସେଆର ଏଲାଇକ ଲାଇସେନ୍ସରେ ରଖାଯାଇଛି; ଆହୁରି କିଛି ନୀତି ମଧ୍ୟ ଥାଇପାରେ । ଅଧିକ ଜାଣିବା ପାଇଁ ବ୍ୟବହାର କରିବାର ନିୟମ ସବୁ ଦେଖନ୍ତୁ ।